REGIONAL NEWS UNIT, AIR CUTTACK

Mid-day Bulletin (2.32PM)

24 November – 2026

****

ମୁଖ୍ୟ ସମ୍ବାଦ

- ଐତିହାସିକ କଟକ ବାଲିଯାତ୍ରା ଆଜିଠାରୁ ହେବ ଆରମ୍ଭ

– ସନ୍ଧ୍ୟାରେ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

- ଇଣ୍ଡୋନେସିଆର ବାଲିଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ଦିନିଆ ଓଡ଼ିଶା ପରବ ଆୟୋଜିତ

- ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରି ରାଜ୍ୟର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ

– ସାଧବ ପୁଅଙ୍କର ବାଣିଜ୍ୟ ପରମ୍ପରାକୁ ଆଧୁନିକତା ଓ ନୂତନ ପ୍ରଯୁକ୍ତି ସହ ଯୋଡ଼ି ଓଡିଶାକୁ ପୂର୍ବ ଭାରତର ଶିଳ୍ପ ପୁଞ୍ଜି ନିବେଶ କେନ୍ଦ୍ର କରାଯିବ, କହିଲେ ମୁଖ୍ୟମନ୍ତ୍ରୀ

ଏବଂ

- ପୁରୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ରାଜରାଜେଶ୍ୱର ବେଶରେ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ

ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ବିମାନ ବନ୍ଦରରେ ରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ବ୍ରଜମୋହନ ରାମ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭବ୍ୟ ସ୍ୱାଗତ କରିଛନ୍ତି ।

ଅପରାହ୍ନରେ ରାଷ୍ଟ୍ରପତି କଟକ ଗସ୍ତ କରି ଐତିହାସିକ ବାଲିଯାତ୍ରାକୁ ଉଦ୍‌ଘାଟନ କରିବେ । ମହାନଦୀରେ ଡଙ୍ଗାରେ ଯାତ୍ରାକରି ରାଷ୍ଟ୍ରପତି ବାଲିଯାତ୍ରା ପଡ଼ିଆରେ ପହଞ୍ଚିବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । କଟକ ସିଲ୍‌ଭର ସିଟି ବୋଟ୍ କ୍ଲବ୍ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ଭାବେ ଏକ ଡଙ୍ଗା ‘କଳିଙ୍ଗ ତରଙ୍ଗିଣୀ’କୁ ପ୍ରସ୍ତୁତ କରାଯାଇଛି । ବାଲିଯାତ୍ରା ଉଦ୍‌ଘାଟନୀ ସମାରୋହରେ ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ବ୍ରଜମୋହନ ରାମ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ।

ଆସନ୍ତାକାଲି ଭୁବନେଶ୍ୱରରେ ଆୟୋଜିତ ଜାତୀୟ ହୋମିଓପ୍ୟାଥିକ୍ ବୈଜ୍ଞାନିକ ସମ୍ମିଳନୀରେ ରାଷ୍ଟ୍ରପତି ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

ମୁଖ୍ୟମନ୍ତ୍ରୀ–ପାରାଦୀପ

ପ୍ରାଚୀନ ସାଧବ ପୁଅମାନଙ୍କର ଗୌରବମୟ ବାଣିଜ୍ୟ ପରମ୍ପରାକୁ ଆଧୁନିକତା ଓ ନୂତନ ପ୍ରଯୁକ୍ତି ସହ ଯୋଡ଼ି ଓଡ଼ିଶାକୁ ପୂର୍ବଭାରତର ଏକ

ପ୍ରମୁଖ ଶିଳ୍ପ ପୁଞ୍ଜି ନିବେଶ କେନ୍ଦ୍ର ଭାବେ ଗଢ଼ି ତୋଳିବା ଦିଗରେ ସରକାର ଦୃଢ଼ତାର ସହ କାର୍ଯ୍ୟକରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ପାରାଦୀପଠାରେ ଆଜି ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି,

- V/O -

ପାରାଦୀପରେ ଆୟୋଜିତ କଳିଙ୍ଗ ବାଲିଯାତ୍ରାକୁ ଗତକାଲି ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଗତ୍‌ସିଂହପୁର ଜିଲ୍ଲା ଏବଂ ପାରାଦ୍ୱୀପ ଅଞ୍ଚଳ ଓଡ଼ିଶାର ଅଭିବୃଦ୍ଧିର ଇଞ୍ଜିନ୍ ହେବ ।

ଦେଶର ଅଗ୍ରଗତିରେ ପାରାଦୀପ ବନ୍ଦର ପ୍ରମୁଖ ଭୂମିକା ଗ୍ରହଣ କରି ବିଗତ ୨ ବର୍ଷରେ ପଣ୍ୟ ପରିବହନ କରି ପ୍ରଥମ ସ୍ଥାନ ହାସଲ କରିଛି । କେନ୍ଦ୍ର ସରକାରଙ୍କ ସହଯୋଗ ଏବଂ ନୀତି ଆୟୋଗଙ୍କ ମାର୍ଗ ଦର୍ଶନରେ ରାଜ୍ୟରେ ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଇକୋନୋମିକ ରିଜିଅନ ନିର୍ମାଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ବୋଇତବନ୍ଦାଣ କାର୍ଯ୍ୟକ୍ରମ

ପ୍ରାଚୀନ ଉତ୍କଳର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରି ଆଜି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାଜ୍ୟର ବିଭିନ୍ନ ନଦୀ ଓ ପୁଷ୍କରଣୀ ସମେତ ମହୋଦଧିରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଛି । ଆ-କା-ମା-ବୈ ଗୀତ ସହ ଶ୍ରଦ୍ଧାଳୁମାନେ ପ୍ରାଚୀନ ପରମ୍ପରାକୁ ସ୍ମରଣ କରି ଡଙ୍ଗା

ଭସାଇଛନ୍ତି । ପୁରୀ ମହୋଦଧି ସମେତ ଭୁବନେଶ୍ୱର ବିନ୍ଦୁସାଗରରେ ମଧ୍ୟ ବୋଇତ ବନ୍ଦାଣ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । କଟକ ମହାନଦୀ ଗଡ଼ଗଡ଼ିଆ ଘାଟରେ ପ୍ରତ୍ୟୁଷରୁ ଆଳତୀ, କୀର୍ତ୍ତନ ସହ ବୋଇତ ବନ୍ଦାଣ ଅନୁଷ୍ଠିତ ହୋଇଥିଲା ।

ନୟାଗଡ଼ରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଅବସରରେ କଳାକାରଙ୍କ ଦ୍ୱାରା ତଅପୋଇ ନାଟକ ପରିବେଷଣ କରାଯାଇଥିଲା ।

ସୁବର୍ଣ୍ଣପୁର ଜିଲ୍ଲାରେ ଜନସାଧାରଣ ମହାନଦୀ ଓ ତେଲ୍ ନଦୀର ସଙ୍ଗମସ୍ଥଳ ରାମେଶ୍ୱରର ସ୍ୱର୍ଣ୍ଣପ୍ରୟାଗ ଘାଟ ଓ ବିନିକା ପାପକ୍ଷୟ ଘାଟରେ ଡଙ୍ଗାଭସାଣ କରିଛନ୍ତି । ଆଜି ମଧ୍ୟ କଇରୁବାବା ଓ ଘିଚାପାଲିଠାରେ ରାହାସ ପୂର୍ଣ୍ଣିମା ଅନୁଷ୍ଠିତ ହେଉଛି । ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଜଣାପଡ଼ିଛି । ସାବର ଶ୍ରୀକ୍ଷେତ୍ର କୋରାପୁଟରେ ଆଜି ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଛି । ପ୍ରସିଦ୍ଧ ଗୁପ୍ତେଶ୍ୱର ଶୈବପୀଠ ସମେତ ସୁନାବେଡ଼ା, କୋଟପାଡ଼, ଦାମନଯୋଡ଼ିର ବିଭିନ୍ନ ମନ୍ଦିର ଓ ମଠରେ ଶ୍ରଦ୍ଧାଳୁଙ୍କର ଭଡ଼ି ପରିଲକ୍ଷିତ ହୋଇଛି ।

ରାୟଗଡ଼ା ଜିଲ୍ଲା ବଂଶଧାରା ଓ ନାଗାବଳୀ ସମେତ ବିଭିନ୍ନ ନଦୀ ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇବା ସହିତ ମାଆ ମଝିଘରିଆଣୀ, ଦେବଗିରି, ବାଲୁଙ୍କେଶ୍ୱର ଆଦି ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି । ବୋଇତ

ବନ୍ଦାଣ ଅବସରରେ ରାଜ୍ୟପାଳ ବ୍ରଜମୋହନ ରାମ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବୋଇତ ବନ୍ଦାଣ ଉତ୍ସବ ଓଡ଼ିଶାର ଗୌରବମୟ ଇତିହାସ, ସମୃଦ୍ଧ କଳା ଓ ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ସ୍ମୃତି ବହନ କରୁଛି ବୋଲି ରାଜ୍ୟପାଳ ତାଙ୍କ ବାର୍ତ୍ତାରେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆମର ମହାନ ଐତିହ୍ୟ ଓ ସମୃଦ୍ଧ ପରମ୍ପରାକୁ ଆଗାମୀ ପିଢ଼ି ନିମନ୍ତେ ଉଜ୍ଜୀବିତ ରଖିବା ସହ ବିଶ୍ୱ ଦରବାରରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟକୁ ସୁଦୃଢ଼ କରିବା ପାଇଁ ସଂକଳ୍ପବଦ୍ଧ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି ।

ବାଲିଯାତ୍ରାକୁ ସ୍ମରଣୀୟ କରିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଇଣ୍ଡୋନେସିଆର ବାଲିଠାରେ ୨ ଦିନିଆ ଓଡ଼ିଶା ପରବ ୨୦୨୬ର ଆୟୋଜନ କରାଯାଇଛି । ଆଜିଠାରୁ ଆରମ୍ଭ ହୋଇଥିବା ଓଡ଼ିଶା ପରବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଛନ୍ତି ।

ରାଜରାଜେଶ୍ୱର ବେଶ

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କର ଦୁର୍ଲ୍ଲଭ ରାଜରାଜେଶ୍ୱର ବେଶ ବା ସୁନାବେଶ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଛି । ଅବକାଶ ନୀତି ଶେଷ ପରେ ପୁଷ୍ପାଳକ

ସେବକମାନେ ମହାପ୍ରଭୁଙ୍କ ବିଭିନ୍ନ ରତ୍ନଅଳଙ୍କାର ଓ ପାଟବସ୍ତ୍ରରେ ସଜ୍ଜିତ କରିଥିଲେ । ଶ୍ରୀଜୀଉମାନଙ୍କୁ ଶ୍ରୀଭୁଜ, କିରିଟ, ଶ୍ରୀପୟର, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କୁଣ୍ଡଳ, ଚିତା ଆଦି ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାରରେ ସଜ୍ଜିତ କରାଯାଇଛି ।

ଆଜି ମଧ୍ୟ କାର୍ତ୍ତିକ ବ୍ରତ ସମାପନ ହେଉଛି ।

ଗୁରୁପର୍ବ

ଶିଖ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବଙ୍କ ୫୫୭ତମ ଜୟନ୍ତୀ ଅବସରରେ ଆଜି ଦେଶବିଦେଶରେ ସମ୍ପୂର୍ଣ୍ଣ ଧାର୍ମିକ ଉତ୍ସାହର ଗୁରୁ ପର୍ବ ପାଳନ କରାଯାଉଛି । ଗୁରୁ ନାନକ ‘ଏକ ଓଁକାର ଏକ ଈଶ୍ୱର’ ବାର୍ତ୍ତା ଦେଇ ଜାତିବାଦ ଭଳି ସାମାଜିକ କୁ-ପ୍ରଥାର ବିରୋଧ କରିଥିଲେ ଏବଂ ସମସ୍ତ ମଣିଷ ସମାନ ବୋଲି ଗୁରୁତ୍ୱାରୋପ କରିଥିଲେ । ଏହି ପବିତ୍ର ଦିବସ ଅବସରରେ ସାରା ଦେଶର ଗୁରୁଦ୍ୱାର ଗୁଡ଼ିକରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି ।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶିଖ୍ ଧର୍ମାବଲମ୍ବୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁ ନାନକଙ୍କ ପ୍ରକାଶ ପର୍ବ ଅବସରରେ ଦେଶବିଦେଶରେ ରହୁଥିବା ସମସ୍ତ ଭାରତୀୟଙ୍କୁ ଅନ୍ତରର ଶୁଭେଚ୍ଛା ଜଣାଇଛନ୍ତି । ମାନବତା ମଧ୍ୟରେ ଏକତା ଭାବ ସୃଷ୍ଟି ସହ ସମାଜରେ ଶାନ୍ତି ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ପାଇଁ ଗୁରୁନାନକଙ୍କ ବାଣୀ ପ୍ରେରଣା ଦେଇଆସୁଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ନାନକ ଜୟନ୍ତୀ ଅବସରରେ ଗୁରୁଦ୍ୱାର ପରଦର୍ଶନ କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇନ୍ତି ।

ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଗୁରୁ ନାନକଙ୍କ ବାଣୀ ସମାଜରେ ଶାନ୍ତି, ଏକତାଭାବ ସୃଷ୍ଟି କରିବାରେ ପ୍ରେରଣା ଯୋଗାଇ ଆସିଛି । ଗୁରୁନାନକ ଦେବଙ୍କ କାଳଜୟୀ ଶିକ୍ଷା, ମାନବ ଜାତିକୁ

ମାର୍ଗଦର୍ଶନ କରିଚାଲିଛି । ତାଙ୍କର ବାର୍ତ୍ତା ଆମକୁ ଦୟା, ଏକତା ଏବଂ ସମସ୍ତଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ସମାଜ ଗଠନ ପାଇଁ ପ୍ରେରଣା ଯୋଗାଉଛି ।

ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ପ୍ରଧାନମନ୍ତ୍ରୀଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୪୦ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ମତାମତ ରେକର୍ଡ କରିପାରିବେ । ଏଥିସହ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ୨୭ ତାରିଖ ମଧ୍ୟରେ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ ।

ଆଇନ୍ ବିଲ୍

ଓଡ଼ିଶା ରଦ୍ଦକରଣ ବିଲ୍ ୨୦୨୬ ଗତକାଲି ବିଧାନସଭାରେ ଆଲୋଚନା ପରେ ପାରିତ ହୋଇଛି । ଏହାସହିତ ଆବଶ୍ୟକ ନଥିବା ୩ଶହ ୫୮ଟି ଆଇନ୍ ମଧ୍ୟ ରଦ୍ଦ କରିବା ନେଇ ବିଧାନସଭାର ସ୍ୱୀକୃତି ମିଳିଛି । ଆଇନ୍ ପ୍ରକ୍ରିୟାକୁ ସରଳ କରିବା ସହିତ ଆବଶ୍ୟକ ନଥିବା ଆଇନ୍‌ଗୁଡ଼ିକର ସଂଖ୍ୟା ହ୍ରାସ କରିବା ନେଇ ବିଭିନ୍ନ ବିଭାଗରୁ ୪୧୮ଟି ଆଇନ୍‌କୁ ରଦ୍ଦ କରିବା ପାଇଁ ଆଇନ୍ ବିଭାଗକୁ ପ୍ରସ୍ତାବ ଦିଆଯାଇଥିଲା । ୩ଜଣିଆ କମିଟିର ସୁପାରିଶ ଅନୁସାରେ ୩୫୮ଟି ଆଇନ୍‌କୁ ରଦ୍ଦ କରାଯାଇଛି ।

ଆଇଏଫ୍‌ଏଫ୍‌ଆଇ

ଗୋଆରେ ଚାଲିଥିବା ୫୭ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଅବସରରେ ପ୍ରସାରଭାରତୀ ପକ୍ଷରୁ ଆଜି ‘ସ୍କ୍ରିପ୍ଟ ପିଚିଙ୍ଗ୍ ଲ୍ୟାବ୍ : ପେଜ୍ ସେ ପିଚ୍ ତକ୍’ର ପ୍ରଥମ ସଂସ୍କରଣ ବିଜେତାଙ୍କ ନାମ ଘୋଷଣା କରାଯାଇଛି । ଏହି ପ୍ରତିଯୋଗିତାରେ ଅଭିଶେଷ ଝା ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପୁରସ୍କାର ଜିତିଥିବାବେଳେ ସତ୍ୟବ୍ୟାସ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ଏବଂ ଜିତେଶ ଠାକୁର ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ହାସଲ କରିଛନ୍ତି ।୭